BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal
BM2024/06-A004
OPEN ACCESS
https://bageesha.in

# ବରଗଡ଼ ଜିଲ୍ଲାର ସୌଖୀନ ନାଟ୍ୟାନୁଷ୍ଠାନ : ଏକ ଦୃଷ୍ଟିପାତ

■ ଶୁଭ୍ରାଂଶୁ ବେହେରା

ଗବେଷକ, ଓଡ଼ିଆ ବିଭାଗ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ପ୍ରଜ୍ଞା ବିହାର, ବଲାଙ୍ଗିର

Article Received : 20.02.2024 | Accepted : 25.12.2024 | Published : 10.01.2025

**ସାରାଂଶ**

ABSTRACT

ନାଟକ ସାହିତ୍ୟର ଏକ ସୁକୁମାର ବିଭାଗ। ଏହା ନାଟ୍ୟକାରଙ୍କ ଲେଖନୀରୁ ଜନ୍ମ ନେଇଥାଏ ସତ, ହେଲେ ଅପେକ୍ଷା ରଖେ ରଙ୍ଗମଞ୍ଚକୁ, ନାଟ୍ୟାନୁଷ୍ଠାନକୁ, ଅଭିନୟକୁ। ନାଟକ ପାଇଁ ମଞ୍ଚ ଏକ ପ୍ରଧାନ ଅବଲମ୍ବନ। କୌଣସି ନାଟକ ମଞ୍ଚାୟନ ନ ହେବା ପର୍ଯ୍ୟନ୍ତ ତା'ର ବାସ୍ତବ ମୂଲ୍ୟ; ସଫଳ ଭାବେ ନିରୂପଣ କରାଯାଇ ପାରେନା। ତେଣୁ ନାଟକ ମାତ୍ରେ ହିଁ ଅଭିନୟ ଉପରେ ନିର୍ଭର କରିଥାଏ। ଅଭିନୟ ପାଇଁ ମଞ୍ଚ ଓ ନାଟ୍ୟାନୁଷ୍ଠାନର ଆବଶ୍ୟକତା ଅନୁଭୂତ ହୋଇଥାଏ। ଓଡ଼ିଆ ନାଟକ କ୍ଷେତ୍ରରେ ଓଡ଼ିଶାର ବହୁ ନାଟ୍ୟାନୁଷ୍ଠାନ ଗଢ଼ିଉଠିଛି। ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଶେଷ କରି ବହୁ ସୌଖିନ ନାଟ୍ୟାନୁଷ୍ଠାନ ଗଢ଼ିଉଠିଛି। ଯାହା ଓଡ଼ିଆ ନାଟ୍ୟ ସାହିତ୍ୟ ପାଇଁ ଶୁଭଙ୍କରୀ। ତେବେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ବା ବର୍ତ୍ତମାନର ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଖାପାଖି ୨୫-୩୦ଟି ସୌଖିନ ନାଟ୍ୟାନୁଷ୍ଠାନ ରହିଛି। ଏହି ସଂସ୍ଥାମାନଙ୍କ ଦ୍ୱାରା ବହୁ ନାଟକ ମଞ୍ଚସ୍ଥ ହୋଇଅଛି। ଯାହା ଓଡ଼ିଆ ନାଟ୍ୟ ସାହିତ୍ୟ ଜଗତକୁ ସୁଦୃଢ଼ କରିଛି। ଏହି ନାଟ୍ୟାନୁଷ୍ଠାନମାନଙ୍କର ଜନ୍ମଜାତକ, ଏଥିରେ ଅଭିନୀତ ନାଟକ ଏବଂ ଓଡ଼ିଆ ନାଟକକୁ ଏହାର ଅବଦାନକୁ ଏହି ପ୍ରବନ୍ଧରେ ଆଲୋଚନ କରାଯାଇଛି ।

BM2024/06-A004

ମୂଳଶବ୍ଦ: ବରଗଡ଼ ଜିଲ୍ଲା, ପଦ୍ମପୁର, ସୌଖିନ ନାଟ୍ୟାନୁଷ୍ଠାନ, ରଙ୍ଗମଞ୍ଚ, ଓଡ଼ିଆ ନାଟକ, ସମ୍ବଲପୁରୀ ନାଟକ

ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଶେଷ କରି ସତୁରି ଦଶକ ଓ ତା'ର ପରବର୍ତ୍ତୀ ସମୟରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ବହୁ ସୌଖୀନ ନାଟ୍ୟାନୁଷ୍ଠାନ ଗଢ଼ିଉଠିଥିଲା। ଯାହା ଓଡ଼ିଆ ନାଟ୍ୟଜଗତ ପାଇଁ ଶୁଭଙ୍କରୀ ଥିଲା। ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଏକ ପ୍ରମୁଖ ସହର ହେଉଛି ବରଗଡ଼। କଳା, ସାହିତ୍ୟ ଓ ସଂସ୍କୃତି ପାଇଁ ମଧ୍ୟ ଆଜି ବରଗଡ଼ ବିଶ୍ୱରେ ପ୍ରସିଦ୍ଧ। ଓଡ଼ିଆ ନାଟ୍ୟ ସାହିତ୍ୟ ପାଇଁ ବରଗଡ଼ ଜିଲ୍ଲାର ଦାନ ଅତୁଳନୀୟ। ଏହି ସହରରେ ପାଖାପାଖି ୨୫ରୁ ୩୦ଟି ନାଟ୍ୟାନୁଷ୍ଠାନ ରହିଛି। ବରଗଡ଼ ସହର ବ୍ୟତୀତ ଗାଁ ଗଣ୍ଡାରେ ମଧ୍ୟ ବହୁ ନାଟ୍ୟାନୁଷ୍ଠାନ ରହିଛି। ଏହି ବରଗଡ଼ ସହରର କେତେଗୁଡ଼ିଏ ନାଟ୍ୟାନୁଷ୍ଠାନର ଇତିହାସକୁ ନିମ୍ନରେ ପ୍ରଦାନ କରାଗଲା।

୧) **ସୌଖୀନ କଳାକାର ସଂଘ, ବରଗଡ଼**: ବରଗଡ଼ ସହରର ସବୁଠାରୁ ପ୍ରାଚୀନ ନାଟ୍ୟାନୁଷ୍ଠାନ ହେଉଛି 'ସୌଖୀନ କଳାକାର ସଂଘ'। ଏହି ଅନୁଷ୍ଠାନ ୧୯୬୯ ମସିହା ଏପ୍ରିଲ ୨୯ ତାରିଖରେ ସୃଷ୍ଟି ହୋଇଥିଲା। ଶ୍ରୀ ହରିହର ମିଶ୍ର, ଶ୍ରୀ ବିଭୂତିଭୂଷଣ ପାଢ଼ୀ, ଶ୍ରୀ ବିଜୟକୃଷ୍ଣ ପଣ୍ଡା, ଶ୍ରୀ ସୁନୀଲ ପୂଜାରୀ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାଶ, ଶ୍ରୀ ସେବାରାମ ଦାଶ, ଶ୍ରୀ ସୁଶୀଲ ମହାପାତ୍ର, ଶ୍ରୀ ଅଶୋକ ମହାନ୍ତି, ଶ୍ରୀ ସନ୍ତୋଷ କୁମାର ରଥ, ଶ୍ରୀ କେ.ସି. ରଙ୍ଗରାଜନ, ଶ୍ରୀ ଆର୍ତ୍ତଦନ୍ତା, ଶ୍ରୀ କିରଟୀଭୂଷଣ ପଣ୍ଡା ଓ ଅନ୍ୟମାନେ ଥିଲେ ଏହାର ପ୍ରମୁଖ ଉଦ୍ୟୋକ୍ତା। ନାଟକ ମାଧ୍ୟମରେ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି, ସାହିତ୍ୟର ପ୍ରଚାର ପ୍ରସାର କରିବା ଥିଲା ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିବା ପଛର ଉଦ୍ଦେଶ୍ୟ। ୧୯୭୪ ମସିହାରେ ଏହା ରେଜିଷ୍ଟ୍ରେସନ ଅନ୍ତର୍ଭୁକ୍ତ ହୋଇଥିଲା। 'ସୌଖୀନ କଳାକାର ସଂଘ' ମୁଖ୍ୟତଃ ଓଡ଼ିଆ ଓ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକୁ ମଞ୍ଚସ୍ଥ କରିଥାଏ। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ୧୯୬୯ ମସିହାରେ ନାଟ୍ୟକାର ସୁଧିନ୍ଦ୍ର ପଣ୍ଡାଙ୍କ 'ରଙ୍ଗୀନ କାଚ ଗିଲାସ ଓ ଆମ୍ଭେମାନେ' ନାଟକ ବରଗଡ଼ କେନାଲ କଲୋନୀ ମଞ୍ଚରେ ମଞ୍ଚସ୍ଥ କରାଯାଇଥିଲା। ଏହାର ନିର୍ଦ୍ଦେଶକ ହେଉଛନ୍ତି ହରିହର ମିଶ୍ର ଓ କେ.ସି. ରଙ୍ଗରାଜନ୍। 'ରଙ୍ଗୀନ କାଚଗିଲାସ ଓ ଆମ୍ଭେମାନେ' ନାଟକ ହେଉଛି ଏହି ନାଟ୍ୟାନୁଷ୍ଠାନର ପ୍ରଥମ ମଞ୍ଚସ୍ଥ ନାଟକ। ଯାହା ସେ ସମୟରେ

ବହୁ ପ୍ରଶଂସା ପାଇଥିଲା। ଏହି ନାଟ୍ୟାନୁଷ୍ଠାନଟି ଓଡ଼ିଶାରେ ଥିବା ପ୍ରାୟ ସମସ୍ତ ରଙ୍ଗମଞ୍ଚରେ ନିଜର ନାଟକ ପ୍ରଦର୍ଶନ କରିଛନ୍ତି, ଯଥା-ରାଉରକେଲା ସିଭିକ୍ ସେଣ୍ଟର, କଲଚରାଲ ଏକାଡେମୀ ରାଉରକେଲା, ସମ୍ବଲପୁର କଳାବିକାଶ ପରିଷଦ, ଆରଣ୍ୟକ ମଞ୍ଚ ସମ୍ବଲପୁର, ଦେବଗଡ଼ କଳା ପରିଷଦ, ହିଣ୍ଡାଲକୋ କ୍ଲବ ହୀରାକୁଦ, ରବୀନ୍ଦ୍ର ମଣ୍ଡପ ଭୁବନେଶ୍ୱର, ଅନୁଗୁଳ କଳାକେନ୍ଦ୍ର ଇତ୍ୟାଦି ପ୍ରମୁଖ ସ୍ଥାନ ।

'ସୌଖୀନ କଳାକାର ସଂଘ' ଦ୍ୱାରା ଏ ପର୍ଯ୍ୟନ୍ତ ୧୦୦ରୁ ଊର୍ଦ୍ଧ୍ୱ ନାଟକ ମଞ୍ଚସ୍ଥ ହୋଇସାରିଛି। ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକର ତାଲିକା ନିମ୍ନରେ ପ୍ରଦାନ କରାଗଲା- 'ରଙ୍ଗୀନ କାଚଗ୍ଲାସ ଓ ଆମ୍ଭେମାନେ' (୧୯୬୯, ନାଟ୍ୟକାର- ସୁଧୀନ୍ଦ୍ର ପଣ୍ଡା, ନିର୍ଦ୍ଦେଶକ- ହରିହର ମିଶ୍ର ଓ କେ.ସି. ରଙ୍ଗରାଜନ) 'ମୁଁ ସଇତାନ କହୁଛି' (୧୯୭୦, ନାଟ୍ୟକାର- ପୂର୍ଣ୍ଣଚନ୍ଦ୍ର କାନୁନଗୋ, ନିର୍ଦ୍ଦେଶକ- ହରିହର ମିଶ୍ର ଓ କେ.ସି. ରଙ୍ଗରାଜନ), 'ରାଜହଂସ' (୧୯୭୧, ନାଟ୍ୟକାର- ରତ୍ନାକର ଚଇନି, ନିର୍ଦ୍ଦେଶକ-ଦେବୁ ବୋଷ), 'ପଲାଶ କନ୍ୟା' (୧୯୭୨, ନାଟ୍ୟକାର- ପୂର୍ଣ୍ଣଚନ୍ଦ୍ର କାନୁନଗୋ, ନିର୍ଦ୍ଦେଶକ- ମାନଭଞ୍ଜନ ହୋତା), 'ପ୍ରତୀକ୍ଷା' (୧୯୭୩, ନାଟ୍ୟକାର- ବିଜୟ ମିଶ୍ର, ନିର୍ଦ୍ଦେଶକ- ଦେବୁ ବୋଷ), 'ତୃଷ୍ଣା' (ନାଟ୍ୟକାର- ବୀରେନ୍ଦ୍ର କୁମାର, ନିର୍ଦ୍ଦେଶକ- ଦେବୁ ବୋଷ), 'କାଚଘର' (୧୯୭୫, ନାଟ୍ୟକାର- ଡ.ବସନ୍ତ କୁମାର ମହାପାତ୍ର, ନିର୍ଦ୍ଦେଶକ- ଦେବୁ ବୋଷ) 'ମୃଗୟା' (୧୯୭୬, ନାଟ୍ୟକାର- ବିଶ୍ୱଜିତ ଦାସ, ନିର୍ଦ୍ଦେଶକ- ଦେବୁ ବୋଷ), 'ଆଜିର ରାଜା' (୧୯୭୭, ନାଟ୍ୟକାର- ପୂର୍ଣ୍ଣଚନ୍ଦ୍ର କାନୁନଗୋ, ନିର୍ଦ୍ଦେଶକ- ଦେବୁ ବୋଷ), 'ମୁଁ, ଆମ୍ଭେ, ଆମ୍ଭେମାନେ' (୧୯୭୮, ନାଟ୍ୟକାର- ରମେଶ ପ୍ରସାଦ ପାଣିଗ୍ରାହୀ, ନିର୍ଦ୍ଦେଶକ- ଦେବୁ ବୋଷ), 'କଳାପାହାଡ଼' (୧୯୭୯, ନାଟ୍ୟକାର- ପୂର୍ଣ୍ଣଚନ୍ଦ୍ର କାନୁନଗୋ, ନିର୍ଦ୍ଦେଶକ- ଦେବୁ ବୋଷ), 'ମାଂସର ଫୁଲ' (୧୯୮୦, ନାଟ୍ୟକାର- କାର୍ତ୍ତିକ ଚନ୍ଦ୍ର ରଥ, ନିର୍ଦ୍ଦେଶକ- ଦେବୁ ବୋଷ), 'ଗୋଟିଏ ବୁଲା କୁକୁରର ଜନ୍ମବୃତ୍ତାନ୍ତ' (୧୯୮୧, ନାଟ୍ୟକାର-ପ୍ରମୋଦ କୁମାର ତ୍ରିପାଠୀ, ନିର୍ଦ୍ଦେଶକ- ହରିହର ମିଶ୍ର), 'ଶୁଣ ପରୀକ୍ଷ ଦଣ୍ଡଧାରୀ' (୧୯୮୩, ନାଟ୍ୟକାର- ପ୍ରମୋଦ କୁମାର ତ୍ରିପାଠୀ, ନିର୍ଦ୍ଦେଶକ- ହରିହର ମିଶ୍ର), 'ନିଶବ୍ଦ ନଗରୀ' (୧୯୮୪, ନାଟ୍ୟକାର- ପୂର୍ଣ୍ଣଚନ୍ଦ୍ର ଦାଶ, ନିର୍ଦ୍ଦେଶକ- ହରିହର ମିଶ୍ର), 'ଲୁରା'(୧୯୮୫, ନାଟ୍ୟକାର- ମଙ୍ଗଲୁ ଚରଣ ବିଶ୍ୱାଳ, ନିର୍ଦ୍ଦେଶକ- ମନୋରଞ୍ଜନ ସାହୁ), 'ଜଠର' (୧୯୮୬, ନାଟ୍ୟକାର-ପ୍ରମୋଦ କୁମାର ତ୍ରିପାଠୀ, ନିର୍ଦ୍ଦେଶକ- ହରିହର ମିଶ୍ର), 'ଦୈବାୟତ୍ତ କୁଳେ ଜନ୍ମ' (୧୯୮୭, ନାଟ୍ୟକାର- ମନୋରଞ୍ଜନ ସାହୁ, ନିର୍ଦ୍ଦେଶକ- ହରିହର ମିଶ୍ର), 'ସୂର୍ଯ୍ୟଚନ୍ଦ୍ର' (୧୯୮୮, ନାଟ୍ୟକାର- ରମାକାନ୍ତ ମିଶ୍ର, ନିର୍ଦ୍ଦେଶକ- ହରିହର ମିଶ୍ର), 'ଉତ୍ତମ ପୁରୁଷ' (୧୯୮୯, ନାଟ୍ୟକାର- ଦିଲ୍ଲୀଶ୍ୱର ମହାରଣା, ନିର୍ଦ୍ଦେଶକ- ବିଭୂତି ଭୂଷଣ ପାଢ଼ୀ), 'ଆପଣମାନେ ଯାହା ଚାହିଁଥିଲେ' (୧୯୯୧, ନାଟ୍ୟକାର- ଦିଲ୍ଲୀଶ୍ୱର ମହାରଣା, ନିର୍ଦ୍ଦେଶକ- ବିଭୂତି ଭୂଷଣ ପାଢ଼ୀ), 'ମାଙ୍କଡ଼ ଖାଏ କାଙ୍କଡ଼ କଷି' (୧୯୯୩, ନାଟ୍ୟକାର- ବ୍ରଜେନ୍ଦ୍ର ନାୟକ, ନିର୍ଦ୍ଦେଶକ- ହରିହର ମିଶ୍ର), 'କାଉଁର' (୧୯୯୪), 'ଅସଲି ମଦାଙ୍ଗ' (୨୦୧୫), 'ଏନ୍ତାଏନ୍ତା କଥା' (୨୦୧୬), 'କୁକୁର ମାଡ଼' (୨୦୧୪), 'ବୁକା', 'କୁକୁରର୍ ନାଁ ହେରେସମେଣ୍ଟ' (୨୦୧୭), 'ପେଟ୍' (୨୦୧୮), 'ଅଲଝଟ୍' (୨୦୧୯), 'ବିଶ୍ୱାମିତ୍ର ଉବାଚ୍' (୨୦୨୦), 'ଆଦିମ', 'ବତୀଖୁଣ୍ଟ' , 'ସୁରିଖିଆ ପାଟି' , 'ଯୁବକ ନିରୁଦ୍ଦିଷ୍ଟ,'ଚିଠି' , 'ସଇତାନ କବର ଉପରେ ମୁଁ ମଣିଷ କହୁଛି' ପ୍ରଭୃତି ନାଟକ।

୨) ଅବର୍ଣ୍ଣିଗୁଁଡ଼ା ନାଟ୍ୟ ସଂସଦ (ପଦ୍ମପୁର, ବରଗଡ଼): ବରଗଡ଼ ଜିଲ୍ଲାର ଅନ୍ୟତମ ପ୍ରମୁଖ ଐତିହାସିକ ସହର ହେଉଛି ପଦ୍ମପୁର। କଳା, ସାହିତ୍ୟ, ସଂସ୍କୃତିର ଏକ ପେଣ୍ଠସ୍ଥଳୀ ହେଉଛି ପଦ୍ମପୁର। ଏ ଅଞ୍ଚଳରେ ନାଟକର ବିଶେଷ ଚାହିଦା ରହିଛି। ପଦ୍ମପୁର ସହରରେ ବହୁ ନାଟ୍ୟାନୁଷ୍ଠାନ ଆମେ ଦେଖିବାକୁ ପାଇଥାଉ। ସେଥି ମଧ୍ୟରୁ ଅନ୍ୟତମ ସଫଳ ନାଟ୍ୟାନୁଷ୍ଠାନ ହେଉଛି 'ଅବର୍ଣ୍ଣିଗୁଁଡ଼ା ନାଟ୍ୟ ସଂସଦ'। ଏହି ଅନୁଷ୍ଠାନର ସଭାପତି ହେଉଛନ୍ତି ଡକ୍ଟର ପ୍ରମୋଦ ପାଢ଼ୀ ଓ ସମ୍ପାଦକ ଶ୍ରୀ ଅଶୋକ କୁମାର ବହିଦାର। ଏହି ସଂସ୍ଥା ୧୯୮୫ ମସିହାରେ ଗଢ଼ିଉଠିଥିଲା ଏବଂ ୨୦୦୧ ମସିହାରେ ରେଜିଷ୍ଟ୍ରେସନ ଅନ୍ତର୍ଭୁକ୍ତ ହୋଇଥିଲା। ପଦ୍ମପୁରଠାରେ ହଠାତ୍ ଶିଥିଳ ହୋଇପଡ଼ିଥିବା ନାଟ୍ୟଧାରାକୁ କ୍ରିୟାଶୀଳ କରିବାର ଉଦ୍ଦେଶ୍ୟ ନେଇ ଏହି ଅନୁଷ୍ଠାନଟି ଗଢ଼ିଉଠିଥିଲା। ଏହି ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ସମ୍ବଲପୁରୀ ନାଟକ ହେଉଛି 'ପୁଷପୁନି', ଯାହା ୧୯୮୯ ମସିହାରେ ପ୍ରଦର୍ଶିତ ହୋଇଥିଲା। ଏହି ନାଟକର ଲେଖକ ଓ ନିର୍ଦ୍ଦେଶକ ହେଉଛନ୍ତି 'ଶ୍ରୀ ଅଶୋକ କୁମାର ବହିଦାର'। 'ଶାଳବଞ୍ଜିକା' ହେଉଛି ଏହି ଅନୁଷ୍ଠାନ ଦ୍ୱାରା ଅଭିନୀତ ପ୍ରଥମ ଓଡ଼ିଆ ଭାଷାଭାଷୀ ନାଟକ, ଯାହା ୧୯୯୦ ମସିହାରେ ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ମଧ୍ୟ ନାଟ୍ୟକାର ଓ ନିର୍ଦ୍ଦେଶକ ହେଉଛନ୍ତି ଅଶୋକ କୁମାର ବହିଦାର। ଏହି ନାଟ୍ୟାନୁଷ୍ଠାନଟି ଓଡ଼ିଶା ତଥା ଓଡ଼ିଶା ବାହାରେ ଥିବା ପ୍ରମୁଖ ସହରର ରଙ୍ଗମଞ୍ଚମାନଙ୍କରେ ନିଜର ନାଟକଗୁଡ଼ିକ ମଞ୍ଚସ୍ଥ କରିଛି।

'ଅବର୍ଣ୍ଣିଗୁଁଡ଼ା ନାଟ୍ୟ ସଂସଦ'ଉଭୟ ସମ୍ବଲପୁରୀ ଓ ଓଡ଼ିଆ ଭାଷାର ନାଟକଗୁଡ଼ିକୁ ମଞ୍ଚସ୍ଥ କରିଥାଏ। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ଅଦ୍ୟାବଧି '୫୦' ରୁ ଊର୍ଦ୍ଧ୍ୱ ନାଟକ ମଞ୍ଚସ୍ଥ ହୋଇସାରିଛି। ଏହି ସଂସ୍ଥା ଦ୍ୱାରା ଅଭିନୀତ ନାଟକଗୁଡ଼ିକ ମଧ୍ୟରୁ କେତୋଟି ପ୍ରମୁଖ ନାଟକ, ଯଥା- 'ଶାଳବଞ୍ଜିକା', 'ଲୁହର ରଙ୍ଗ', 'ଠିକ୍ ୧୦ ବଜେ' , 'ବା', 'ଘା', ' ରଥ୍', 'ଭୋକ୍', 'ସୁରିଖିଆ ପାଟି', 'ବାପା ବନାମ ବୁଢ଼ା', 'ବୁକା', 'କୁକୁରର୍ ନାଁ ହେରେସମେଣ୍ଟ', 'ଭୁଲତା', 'ଡାଲ୍', 'ଅପ୍ରତିଦ୍ୱନ୍ଦ୍ୱୀ', 'ଚିହ୍ନା', 'ତୋର୍ ପାର୍ କେ ମୋର୍ ପାହା', 'ବାବୁଖର୍ଚ୍ଚା', 'ରଘୁପତି ରାଘବ ରାଜାରାମ', 'ବହି', 'ଗୁଟେ ଚିଠିର କଥା' ପ୍ରଭୃତି ନାଟକ। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ 'ଘା' ଓ 'ରଥ୍' ନାଟକ ଦୂରଦର୍ଶନରେ ମଧ୍ୟ ପ୍ରଦର୍ଶିତ ହୋଇଛି। ନାଟ୍ୟକାର ଅଶୋକ କୁମାର ବହିଦାରଙ୍କ ପ୍ରାୟଃ ସମସ୍ତ ନାଟକ ଏହି ସଂସ୍ଥା ମଞ୍ଚସ୍ଥ କରିଥାଏ।

୩) ଡ୍ରାମା ଚେତନା (ସୋହେଲା, ବରଗଡ଼): ବରଗଡ଼

ଜିଲ୍ଲାର ଅନ୍ୟତମ ଐତିହାସିକ ସହର ହେଉଛି 'ସୋହେଲା'। ସାର୍ବଜନୀନ ଦୁର୍ଗାପୂଜା ଓ ରାବଣ ପୋଡ଼ି ପାଇଁ 'ସୋହେଲା' ପ୍ରସିଦ୍ଧ। 'ଏ ଅଞ୍ଚଳରେ ନାଟକର ଚାହିଦା ମଧ୍ୟ ବେଶ୍ ରହିଛି। ଏହି ନାଟକର ଚାହିଦା ଯୋଗୁଁ ୧୯୮୯ ମସିହାରେ କେତେକ ଉତ୍ସାହୀ ଯୁବକଙ୍କ ଦ୍ୱାରା ସୋହେଲାଠାରେ 'ଡ୍ରାମା ଚେତନା' ନାମକ ଏକ ନାଟ୍ୟାନୁଷ୍ଠାନ ଗଢ଼ିଉଠିଥିଲା। ଏହି ଅନୁଷ୍ଠାନ ଗଢ଼ିଉଠିବାର ପଛର କାରଣ ଥିଲା ନିଜ ଅଞ୍ଚଳର କଳା, ସାହିତ୍ୟ ଏବଂ ଭାଷାର ପ୍ରଚାର ଓ ପ୍ରସାର କରିବା। ଏହା ୧୮୮୯-୯୦ ମସିହାରେ ରେଜିଷ୍ଟ୍ରେସନ ଅନ୍ତର୍ଭୁକ୍ତ ହୋଇଥିଲା। 'ଡ୍ରାମା ଚେତନା' ଦ୍ୱାରା ପ୍ରଥମ ମଞ୍ଚସ୍ଥ ନାଟକ ହେଉଛି 'ଈଶ୍ୱର ଜଣେ ଯୁବକ' ଯାହା ସୋହେଲାର 'ଦୁର୍ଗା ମଣ୍ଡପ' ମଞ୍ଚରେ ମଞ୍ଚସ୍ଥ ହୋଇଥିଲା। ପ୍ରଥମ ମଞ୍ଚସ୍ଥ ନାଟକର ନାଟ୍ୟକାର ହେଉଛନ୍ତି ପ୍ରଫେସର କାର୍ତ୍ତିକ ଚନ୍ଦ୍ର ରଥ ଓ ନିର୍ଦ୍ଦେଶକ ରବିରଞ୍ଜନ ପଧାନ। ଏହି ସଂସ୍ଥା ଓଡ଼ିଶାର ପ୍ରମୁଖ ସହରରେ ଥିବା ରଙ୍ଗମଞ୍ଚମାନଙ୍କରେ ନିଜର ନାଟକଗୁଡ଼ିକ ପ୍ରଦର୍ଶିତ କରିଛି, ଯଥା- ସୌଖୀନ ରଙ୍ଗମଞ୍ଚ ବରଗଡ଼, ଆରଣ୍ୟକ ମଞ୍ଚ ସମ୍ବଲପୁର, ରବୀନ୍ଦ୍ର ମଣ୍ଡପ ଭୁବନେଶ୍ୱର, ବରପାଲି, ବଲାଙ୍ଗୀର, ଭବାନୀପାଟଣା, ଦାମନଯୋଡ଼ି, କୋରାପୁଟ ଇତ୍ୟାଦି ସ୍ଥାନରେ। ଏହି ନାଟ୍ୟାନୁଷ୍ଠାନଟି ଏପର୍ଯ୍ୟନ୍ତ ୧୭ ଗୋଟି ନାଟକ ମଞ୍ଚସ୍ଥ କରିସାରିଛି, ସେଥିମଧ୍ୟରୁ କେତୋଟି ନାଟକ ହେଲା- 'ଈଶ୍ୱର ଜଣେ ଯୁବକ' (୧୯୮୯, ନାଟ୍ୟକାର-କାର୍ତ୍ତିକ ଚନ୍ଦ୍ର ରଥ, ନିର୍ଦ୍ଦେଶକ- ରବିରଞ୍ଜନ ପଧାନ), 'ବାଞ୍ଚାର ବାଏର୍' (୧୯୯୦, ନାଟ୍ୟକାର ଓ ନିର୍ଦ୍ଦେଶକ- ରବିରଞ୍ଜନ ପଧାନ), 'କୁଇଲା କାଟୁ' (୧୯୯୧, ନାଟ୍ୟକାର ଓ ନିର୍ଦ୍ଦେଶକ-ରବିରଞ୍ଜନ ପଧାନ), 'ବହ୍ନିମାନ' (୧୯୯୨, ନାଟ୍ୟକାର-କାର୍ତ୍ତିକ ଚନ୍ଦ୍ର ରଥ, ନିର୍ଦ୍ଦେଶକ- ରବିରଞ୍ଜନ ପ୍ରଧାନ), 'ତଥାପି ବୁମେରଙ୍ଗ ନିସ୍ଟେ' (୧୯୯୫, ନିର୍ଦ୍ଦେଶକ- ବିକାଶ ଚନ୍ଦ୍ର ନାୟକ), 'କିଏ କର୍ ବା ନିୟେ' (୨୦୦୩, ନାଟ୍ୟକାର-ରଞ୍ଜନ କୁମାର ଦେବତା, ନିର୍ଦ୍ଦେଶକ- ଶିଶୁପାଳ କଲେଟ), 'ମାଲିଘରେ ଛେଲ୍ ପିଲା' (୨୦୦୪, ନାଟ୍ୟକାର- ରାଜେଶ କୁମାର କରିଆ, ନିର୍ଦ୍ଦେଶକ- ଡକ୍ଟରତୁଷାରକାନ୍ତ ସାହୁ), 'ପୁଷପୁନିର ଛେର୍ ଛେରା' (୨୦୦୫, ନାଟ୍ୟକାର- ରାଜେଶ କୁମାର କରିଆ, ନିର୍ଦ୍ଦେଶକ- ଶିଶୁପାଳ କଲେଟ), 'ଗୁଲୁମ' (୨୦୦୬-ନାଟ୍ୟକାର- ଅମୃତଲାଲ ସାହୁ, ନିର୍ଦ୍ଦେଶକ-ଶିଶୁପାଳ କଲେଟ), 'ଭାଇଜିଉଁତିଆ' (୨୦୦୭, ଲେଖକ- ଅମୃତଲାଲ ସାହୁ, ନିର୍ଦ୍ଦେଶକ- ଶିଶୁପାଳ କଲେଟ), 'ଲକ୍ଷ୍ମୀ ଇନ୍ ସରସ୍ୱତୀ ଆଉଟ୍' (୨୦୧୪, ନାଟ୍ୟକାର- ଅଶୋକ କୁମାର ବହିଦାର, ନିର୍ଦ୍ଦେଶକ- ଅଗସ୍ତି ଭୋଇ), 'ବାପ୍ ବନାମ୍ ବୁଢ଼ା-୨୦୧୫', 'ବୁକା'-୨୦୧୬', 'କୁକୁରର୍ ନାଁ ହାରେସମେଣ୍ଟ'-୨୦୧୭, 'ପଲସା ଫୁଲ-୨୦୧୭', 'ବାବୁଖର୍ଚ୍ଚା'-୨୦୧୮', 'ରଘୁପତି ରାଘବ ରାଜାରାମ- ୨୦୧୯', 'ବହି-୨୦୨୧' ପ୍ରଭୃତି ନାଟକ। ଏହି ସଂସ୍ଥା ଦ୍ୱାରା ମୁଖ୍ୟତଃ ଓଡ଼ିଆ ଓ ସମ୍ବଲପୁରୀ ଭାଷାର ନାଟକ ମଞ୍ଚସ୍ଥ କରାଯାଇଥାଏ।

୪) 'ଲୁ' (ପଦ୍ମପୁର, ବରଗଡ଼): ବରଗଡ଼ ଜିଲ୍ଲାର ପଦ୍ମପୁର ସହର ନାଟକ ପାଇଁ ଏକ ଅନୁକୂଳ ପରିବେଶ। ଏହିଠାରେ ବହୁ ନାଟ୍ୟାନୁଷ୍ଠାନ ରହିଛି। ସେଥି ମଧ୍ୟରୁ 'ଲୁ' ନାମକ ନାଟ୍ୟ ସଂସ୍ଥା ଅନ୍ୟତମ। କେଶରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ଦାଶ, ସୋମନାଥ ପୁରୋହିତ, ରମାକାନ୍ତ ରାଉତ, ରବିରଞ୍ଜନ ପଧାନ ଆଦି ପ୍ରମୁଖ ନାଟ୍ୟପ୍ରେମୀମାନଙ୍କ ଦ୍ୱାରା ୧୯୯୩ ମସିହାରେ ଏହି ଅନୁଷ୍ଠାନଟି ଗଢ଼ିଉଠିଥିଲା। ସମ୍ବଲପୁରୀ ଭାଷାରେ ନାଟକ ପ୍ରସ୍ତୁତ ହିଁ ମୁଖ୍ୟ କାରଣ। ଏହି ଅନୁଷ୍ଠାନ ଗଢ଼ିଉଠିବା ପଛରେ ଉଦ୍ଦେଶ୍ୟ ଥିଲା ସମ୍ବଲପୁରୀ ନାଟକକୁ ମୁଖ୍ୟଧାରାକୁ ନେବା ଏବଂ ମୁଖ୍ୟଧାରାର ନାଟକକୁ ସମ୍ବଲପୁରୀ ଭାଷାରେ ପରିବେଷଣ କରିବା। ଅର୍ଥାତ ଓଡ଼ିଆ ଭାଷାର ନାଟକକୁ ସମ୍ବଲପୁରୀ ଭାଷାରେ ଅଭିନୀତ କରାଇବା ଓ ସମ୍ବଲପୁରୀ ଭାଷାର ନାଟକକୁ ଓଡ଼ିଆ ଭାଷାରେ ଅଭିନୀତ କରାଇବା। ଏହି ଅନୁଷ୍ଠାନ ଦ୍ୱାରା ପ୍ରଥମ ମଞ୍ଚସ୍ଥ ନାଟକ ହେଉଛି 'ଅସୁର'। ଏହାର ନାଟ୍ୟକାର- କେଶରଞ୍ଜନ ପ୍ରଧାନ, ନିର୍ଦ୍ଦେଶକ-ରବିରଞ୍ଜନ ପଧାନ। ଏହା ୧୯୯୩ ମସିହା, ଅକ୍ଟୋବର ୧୬ ତାରିଖରେ କଟକର କଳା ବିକାଶ କେନ୍ଦ୍ର ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଥିଲା। ଏହି ଅନୁଷ୍ଠାନଟି ମୁଖ୍ୟତଃ ସମ୍ବଲପୁରୀ ଭାଷାର ନାଟକ ମଞ୍ଚସ୍ଥ କରିଥାଏ। ତେବେ କେତୋଟି ନାଟକ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାର ମଧ୍ୟ ପରିବେଷିତ କରିଛନ୍ତି।

'ଲୁ' ଅନୁଷ୍ଠାନଟି ତା'ର ଜନ୍ମ ଠାରୁ ଏ ପର୍ଯ୍ୟନ୍ତ ୩୮ଟି ନାଟକ ମଞ୍ଚସ୍ଥ କରିସାରିଛି। ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକର ନାମ ପ୍ରଦାନ କରାଗଲା- 'ଅସୁର' (୧୬-୧୦-୧୯୯୩, କଳା ବିକାଶ କେନ୍ଦ୍ର, କଟକ), 'ଗଛର କଥା' (ପଥପ୍ରାନ୍ତ ନାଟକ, ୦୨-୦୩-୧୯୯୪ ମସିହାରେ ମଞ୍ଚସ୍ଥ), 'ଗଧର କଥା'(୧୬-୦୭-୧୯୯୫ - ପଦ୍ମପୁର), 'ଦି ଗେମ ଅଫ ଚେସ' (୦୪-୧୦-୧୯୯୫)', 'ବାଘର ପିଠିଁ '(୦୧-୦୭-୧୯୯୮ ପଦ୍ମପୁର), 'ଅମ୍ବା' (୧୨-୧୨-୧୯୯୮, ରାଉରକେଲା), 'ନାଗନାଡ଼ି' (୨୮-୧୨-୧୯୯୮, ଆରଣ୍ୟକ ମଞ୍ଚ ସମ୍ବଲପୁର) 'ଝି ବୁହେନ ଭୁଆସେନ' (୧୫-୦୪-୧୯୯୯, ଜଟଣୀ), 'କଲମସ୍ ପାଦ' (୨୮-୧୨-୧୯୯୯, ଆରଣ୍ୟକ ମଞ୍ଚ ସମ୍ବଲପୁର), 'ମାୟା' (୧୯-୦୫-୨୦୦୦, ପଦ୍ମପୁର), 'ମୋର କଥାଟା କଥାନି ଆଏ' (୦୫-୫୦-୨୦୦୨, ବରଗଡ଼), 'ମହାପୁରୁ' (୦୧-୧୧-୨୦୦୨, ପାଟଣା, ବିହାର), 'ପାଏନ୍ ଟା ଜୀବନ' (୨୯-୦୪-୨୦୦୩, ସତିଭଟା, ବଲାଙ୍ଗୀର), 'ଉମଙ୍ଗ' (୨୩-୦୬-୨୦୦୧ ଜଟଣୀ, ଖୋର୍ଦ୍ଧା ), 'ଲେଙ୍ଗଡ଼ା ରାଜା' (୧୯ -୧୦ -୨୦୦୧, ଦିଲ୍ଲୀ), 'ଘାଟି' (୨୮-୦୧-୨୦୦୨, ବଲାଙ୍ଗୀର), 'ଘୁଙ୍ଗୁର୍' (୧୧-୦୨-୨୦୦୪, ପଦ୍ମପୁର), 'କୁଇଲି କୁଇଲି କେ ରଜା' (୨୫-୦୨-୨୦୦୫, ପଦ୍ମପୁର), 'ଅଦ୍ଭୁତ ପର୍ବତ' (୨୨-୦୪-୨୦୦୬, ପଦ୍ମପୁର), 'ଶେଷ ଚାଲ୍' (୧୪-୧୨-୨୦୦୬, ସମ୍ବଲପୁର), 'ବିମ୍ବାଧରର କଥା' (୨୦-୧୨-୨୦୦୮, ବେଲପାହାଡ଼), 'ଗୁରୁଦକ୍ଷିଣା' (୨୪-୧୧-୨୦୦୯, ବରଗଡ଼), 'ରାଜାମନ୍ତ୍ରୀ' (୨୯-୧୧-୨୦୧୦, ବରଗଡ଼), 'ମୁଖା' (୦୫-୦୧-୨୦୧୧, ଝାରସୁଗୁଡା), 'ଗରାବନ୍ଧା' (୧୮-୧୨-୨୦୧୧, ପାଟଣା, ବିହାର), 'ଅମୃତସାଗରର ବିନ୍ଦୁ' (୨୯-୦୭-୨୦୧୨, ପଦ୍ମପୁର), 'ଚରଣ

ଦାସ ଚୋର' (୧୭-୦୧-୨୦୧୩, ପଦ୍ମପୁର), 'ଧାନଫୁଲ ପରଜାର କଥା' (୦୮-୧୧-୨୦୧୫, ବରଗଡ଼), 'ଗୁରୁକେ ଗରଲ' (୨୭-୧୧-୨୦୧୫, ପାଟଣା, ବିହାର), 'ଆଜାଦି' (୨୨-୧୧-୨୦୧୫, ବରଗଡ଼), 'ନିଜର୍ ହାତେନ ନିଜର୍ ଭାଗ୍ୟ' (୧୬-୧୨-୨୦୧୫, ପଦ୍ମପୁର), 'କରମା' (୧୫-୦୨-୨୦୧୬, ନୂଆଦିଲ୍ଲୀ), 'ମେରା ଭାରତ' (୨୦-୧୧-୨୦୧୬, ପଦ୍ମପୁର), 'ଦୁର୍ଗା'(୦୪-୧୨-୨୦୧୬, ପଦ୍ମପୁର), 'ପୁତୁଲି' (୧୮-୦୨-୨୦୧୬, ବରଗଡ଼), 'ଇସ୍ତାଫା' (୨୭-୧୨-୨୦୧୭, ସମ୍ବଲପୁର), 'ଧାନଫୁଲ' (୨୫-୧୨-୨୦୧୮, ସମ୍ବଲପୁର), 'ଗନ୍ଧଛାକ୍' (୧୮-୧୦-୨୦୧୯, ଭବାନୀପାଟଣା), 'ଆମଘର' (୧୨-୦୨-୨୦୨୧ ନାଟକ ଆଶ୍ରମ), 'ଗାନ୍ଧୀଙ୍କ ଓଡ଼ିଶା' (୨୫-୦୩-୨୦୨୧, ପଦ୍ମପୁର), 'ଦୁବିଧା' (୨୭-୧୨-୨୦୨୧, ସମ୍ବଲପୁର), 'ମା କହ ଗୁଟେ କଥାନି' (୨୩-୦୩-୨୦୨୨, ବରଗଡ଼) ଇତ୍ୟାଦି ନାଟକ ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ।

୫) 'ଆତ୍ମପ୍ରକାଶ' କଳା, ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ (ବରଡୋଲ, ବରଗଡ଼): ବରଗଡ଼ ଜିଲ୍ଲାର ପ୍ରତ୍ୟେକ ଗାଁରେ ନାଟକର ଚାହିଦା ରହିଛି। ଯାହାର ପ୍ରଭାବ ସ୍ୱରୂପ ବରଗଡ଼ ଜିଲ୍ଲାର ବରଡୋଲ ଗ୍ରାମରେ 'ଆତ୍ମପ୍ରକାଶ' ନାମକ ଏକ କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସୃଷ୍ଟି ହୋଇଛି। 'ଆତ୍ମପ୍ରକାଶ' ନାଟ୍ୟାନୁଷ୍ଠାନ ୧୯୯୪ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହାର ପ୍ରତିଷ୍ଠାତା ହେଉଛନ୍ତି ଶ୍ରୀ ମନୋରଞ୍ଜନ ସାହୁ। ନିଜ ଅଞ୍ଚଳର କଳା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଏବଂ ପ୍ରସାରର କାରଣ ଓ ଉଦ୍ଦେଶ୍ୟ ନେଇ ଏଇ ଅନୁଷ୍ଠାନଟି ଗଢ଼ିଉଠିଥିଲା। ଏହି ନାଟ୍ୟାନୁଷ୍ଠାନର ପ୍ରଥମ ମଞ୍ଚସ୍ଥ ନାଟକ ହେଉଛି 'ଭାରତବାସୀ କି ଜୟେ' ଏହା ସମ୍ବଲପୁରର ଆରଣ୍ୟକ ମଞ୍ଚରେ ଅଭିନୀତ ହୋଇଥିଲା। ଏହି ନାଟକର ନାଟ୍ୟକାର ଓ ନିର୍ଦ୍ଦେଶକ ହେଉଛନ୍ତି ଦିଲ୍ଲୀପ କୁମାର ବେହେରା। ଏହି ଅନୁଷ୍ଠାନ ଦ୍ୱାରା ଏ ପର୍ଯ୍ୟନ୍ତ ପାଖାପାଖି ୭୫ଟି ନାଟକ ମଞ୍ଚସ୍ଥ ହୋଇଅଛି। ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକଗୁଡ଼ିକ- 'ଭାରତବାସୀ କି ଜୟେ', 'ଜାଲ', 'ପ୍ଲାଟଫର୍ମ', 'ଗାନ୍ଧିବାଦ', 'ଦୀକ୍ଷା', 'ଇନ୍ତା ବି ଘେଁ କରି ଦେଖୁଁନ୍', 'ମୁର୍ଦ୍ଧା', 'ପୁଟଲି', 'ପ୍ରତିବିମ୍ବ', 'ଶହେ କୁହାର', 'ବମ୍ବେ ଲଡୁ', 'ଘରକୁଏଁ', 'ଲେଡି ଆର୍ଟିଷ୍ଟ', 'ଘୋ ଘୋ ରାଣୀ', 'ଇଚିର୍ ମିଚିର୍', 'ଜିନ୍ଦାବାଦ୍', 'ପଶୁ', 'ନୂଆଖାଇ', 'ରାମ ରାମ ସତ୍ୟ ହେ', 'ହରିବୋଲ' ଇତ୍ୟାଦି ପ୍ରମୁଖ ନାଟକ।

ଉପରୋକ୍ତ ନାଟକଗୁଡ଼ିକ 'ଆତ୍ମପ୍ରକାଶ' ନାଟ୍ୟାନୁଷ୍ଠାନ ଦ୍ୱାରା ବିଭିନ୍ନ ସମୟରେ ଓଡ଼ିଶା ତଥା ଓଡ଼ିଶା ବାହାରେ ମଧ୍ୟ ମଞ୍ଚସ୍ଥ ହୋଇଛି। ମୁଖ୍ୟତଃ ଓଡ଼ିଆ ଓ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକ ଏହି ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହୋଇଛି।

୬) ଆମେ କଳାକାରର ସଂଘ (ପଦ୍ମପୁର, ବରଗଡ଼): ବରଗଡ଼ ଜିଲ୍ଲାର ଅନ୍ୟତମ ପ୍ରମୁଖ ଐତିହ୍ୟ ସଂପନ୍ନ ସ୍ଥାନ ପଦ୍ମପୁର। କଳା, ସାହିତ୍ୟ ଓ ସଂସ୍କୃତିର ଗନ୍ତାଘର ହେଉଛି ପଦ୍ମପୁର। ଏ ଅଞ୍ଚଳରେ ନାଟକ ବହୁ ସମୃଦ୍ଧ ଏଠାରେ ବହୁ ନାଟ୍ୟ ଅନୁଷ୍ଠାନ ରହିଛି। ସେଥିମଧ୍ୟ ବହୁ ପୁରାତନ ନାଟ୍ୟାନୁଷ୍ଠାନ ହେଉଛି 'ଆମେ କଳାକାର ସଂଘ'। ଏହି ସଂସ୍ଥାଟି ଦୀର୍ଘ ବର୍ଷ ପୂର୍ବରୁ ସୃଷ୍ଟି ହୋଇଥିଲେ ମଧ୍ୟ ୧୯୯୫ ମସିହାରେ ସମସ୍ତ କଳାକାରଙ୍କ ସର୍ବ ସମ୍ମତିରେ ଏହାର ନାମ 'ଆମେ କଳାକାର ସଂଘ' ରଖାଯାଇଥିଲା। ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି, ସ୍ୱର୍ଗତ ରାଜେଶ କୁମାର ବାରିକ, ସ୍ୱର୍ଗତ ବୈଶାଖୁ ମେହେର ପ୍ରମୁଖଙ୍କ ଉଦ୍ୟମରେ ଅନୁଷ୍ଠାନଟି ଗଢ଼ିଉଠିଥିଲା। ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିବା ପଛର କାରଣ ଓ ଉଦ୍ଦେଶ୍ୟ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର ପ୍ରସାର ତଥା ଓଡ଼ିଶାର ଲୋକଭାଷା ସାହିତ୍ୟ ସୃଷ୍ଟିରେ ସହଯୋଗ ଏବଂ ସ୍ଥାନୀୟ ତଥା ଆଖପାଖ ଅଞ୍ଚଳରେ କଳାପ୍ରିୟ କଳାକାରଙ୍କୁ କଳାଜଗତରେ ସାମିଲ କରି ସେମାନଙ୍କୁ ପରିଚୟ ଦେବା ଥିଲା। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ଭାଇଜିଇଁତା'। ଏହା ସମ୍ବଲପୁରୀ ଭାଷାର ନାଟକ ଯାହା ପଦ୍ମପୁରର ' ରାଜାଜୀ ଟାଉନ ହଲ ' ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଥିଲା ଏବଂ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସା ଲାଭ କରିଥିଲା। ଏହି 'ଭାଇଜିଇଁତା' ନାଟକର ନାଟ୍ୟକାର ହେଉଛନ୍ତି- ଅମୃଲାଲ ସାହୁ ଓ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି। ଏହି ସଂସ୍ଥା ୧୯୯୯ ମସିହା ଜୁନ ୧୭ ତାରିଖରେ ଏକ ସୌଖୀନ ନାଟ୍ୟାନୁଷ୍ଠାନ ରୂପରେ ରେଜିଷ୍ଟ୍ରେସନ ଅନ୍ତର୍ଭୁକ୍ତ ହୋଇଥିଲା। ପଦ୍ମପୁର, ସମ୍ବଲପୁର, ସୋହେଲା, ବଲାଙ୍ଗୀର, ଝାରସୁଗୁଡ଼ା, ରାଉରକେଲା, ହୀରାକୁଦ, ଦାମନଯୋଡ଼ି, ବିହାର ପ୍ରମୁଖ ସହରରେ ଥିବା ରଙ୍ଗମଞ୍ଚମାନଙ୍କରେ ଏହି ନାଟ୍ୟାନୁଷ୍ଠାନ ତା'ର ନାଟକଗୁଡ଼ିକୁ ମଞ୍ଚସ୍ଥ କରିଛି। ଏହି ସଂସ୍ଥା ୧୯୯୫-୨୦୦୩ ମସିହା ପର୍ଯ୍ୟନ୍ତ ୧୦ ରୁ ୧୫ଟି ନାଟକ ପରିବେଷଣ କରିଛନ୍ତି। ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକଗୁଡ଼ିକ ହେଲା-'ତୁଳସୀ' (ଏହା ଦୂରଦର୍ଶନରେ ମଧ୍ୟ ମଞ୍ଚସ୍ଥ), 'ନିଏ', 'ଢୋଲ' ଇତ୍ୟାଦି ।

୭) ଗାଁ ମାଏଟ୍ ସାଂସ୍କୃତିକ ଆନ୍ଦୋଳନ (ତାଳଶ୍ରୀଗିଡା, ବରଗଡ଼): ବରଗଡ଼ ଜିଲ୍ଲାର ଅନ୍ୟତମ କଳା, ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଗ୍ରାମ ହେଉଛି ତାଳଶ୍ରୀଗିଡ଼ା। ଏହି ଗ୍ରାମରେ ବହୁ ପ୍ରାଚୀନ କାଳରୁ କଳା ଓ ସଂସ୍କୃତିକୁ ପ୍ରାଧାନ୍ୟ ଦେଇଆସୁଛନ୍ତି। ଯାହାର ଫଳ ସ୍ୱରୂପ 'ଗାଁ ମାଏଟ୍ ସାଂସ୍କୃତିକ ଆନ୍ଦୋଳନ' ନାମକ ଏକ ନାଟ୍ୟାନୁଷ୍ଠାନ ଗଢ଼ିଉଠିଲା। ଭାରତୀୟ ସମାଜରେ ବ୍ୟାପି ରହିଥିବା ଜାତିଗତ ଭେଦଭାବ, ଆର୍ଥିକ ଅସମାନତା, ରାଜନୈତିକ ଭ୍ରଷ୍ଟାଚାର, ନାରୀ ନିର୍ଯ୍ୟାତନା (ବିଶେଷ କରି ଯୌତୁକ ପ୍ରଥା), ମଦ, ଜୁଆ ଆଦି ବିରୁଦ୍ଧରେ ଜନସଚେତନତା ସୃଷ୍ଟି କରିବାର ଓ ପୁଣି ତାହା ମନୋରଞ୍ଜନ ମାଧ୍ୟମରେ ଏହି କାରଣ ଓ ଉଦ୍ଦେଶ୍ୟ ନେଇ ଏହି ନାଟ୍ୟ ସଂସଦ ସୃଷ୍ଟି ହୋଇଥିଲା। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ସମିଆ ଚକା', ଯାହା ତାଳଶ୍ରୀଗିଡ଼ା ଗ୍ରାମରେ ୧୯୯୫ ମସିହାରେ ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ନାଟ୍ୟକାର ହେଉଛନ୍ତି ଶ୍ରୀ ପ୍ରଫୁଲ୍ଲ ସାହୁ ଓ ନିର୍ଦ୍ଦେଶକ ଶ୍ରୀ ମଧୁସୂଦନ ପାଢ଼ୀ। ମୁଖ୍ୟତଃ ସମ୍ବଲପୁରୀ ଓ ହିନ୍ଦୀ ଭାଷାର ନାଟକଗୁଡ଼ିକୁ ଏହି ସଂସ୍ଥା ମଞ୍ଚସ୍ଥ କରିଥାଏ।

'ଗାଁ ମାଏଟ୍ ସାଂସ୍କୃତିକ ଆନ୍ଦୋଳନ' ଅନୁଷ୍ଠାନ ଦ୍ୱାରା ଏ ପର୍ଯ୍ୟନ୍ତ ୧୧ଟି ନାଟକ ପରିବେଷଣ ହୋଇସାରିଛି।

ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା- 'ସମିଆଟକା' (୧୯୯୫), 'ମୁର୍ଦ୍ଧାର' (୧୯୯୮), 'ତଲିବରଡ଼ା ଖସୁଛେ' (୨୦୦୦), 'ବାଗଧରା' (୨୦୦୨), 'ହାତୀର ଚାଲ' (୨୦୦୩), 'ଆଏଁଖ' (୨୦୦୪), 'ଅଗଷ୍ଟ ୧୫' (୨୦୦୪), 'ଇଦଂନାଟ୍ୟ ଶାସ୍ତ୍ରମ୍' (୨୦୦୮), 'ଇନଫ୍ଲୁଏଞ୍ଜା', 'ଫଟୁ ଖେଲ' (୨୦୧୫) ଇତ୍ୟାଦି। ଉପରୋକ୍ତ ନାଟକଗୁଡ଼ିକ ଓଡ଼ିଶା ତଥା ଓଡ଼ିଶା ବାହାରର ପ୍ରମୁଖ ସହରରେ ଥିବା ରଙ୍ଗମଞ୍ଚଗୁଡ଼ିକରେ ମଞ୍ଚସ୍ଥ ହୋଇଛି।

୮) ମୁନଲାଇଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ (କେଶଇପାଲି, ବରଗଡ଼): ୧୯୯୭ ମସିହାରେ 'ମୁନଲାଇଟ ସ୍ୱେଚ୍ଛାସେବୀ' ନାମକ ଏକ ନାଟ୍ୟାନୁଷ୍ଠାନ ଗଢ଼ିଉଠିଥିଲା। ଏହାର ପ୍ରତିଷ୍ଠାତା ହେଉଛନ୍ତି ଅଧ୍ୟାପକ ଚୂଡ଼ାମଣି ରଥ। ଏହା ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ କେଶଇପାଲି ଗ୍ରାମରେ ଅବସ୍ଥିତ। ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନାଟକ ମାଧ୍ୟମରେ ସାମାଜିକ ବାର୍ତ୍ତା ପ୍ରଦାନ କରିବା। ଏହି ନାଟ୍ୟ ସଂସ୍ଥା ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ ହେଉଛି 'ନୁଆଁଖାଇର ନୂଆଜନମ୍', ଯାହା ସମ୍ବଲପୁରର ଆରଣ୍ୟକ ମଞ୍ଚରେ ପ୍ରଦର୍ଶିତ ହୋଇଥିଲା। ଏହି ନାଟକର ନାଟ୍ୟକାର ହେଉଛନ୍ତି ଶ୍ରୀବତ୍ସ ସାହୁ ଓ ନିର୍ଦ୍ଦେଶକ ଚୂଡ଼ାମଣି ରଥ। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ଏ ପର୍ଯ୍ୟନ୍ତ ୪୮ଟି ରୁ ଊର୍ଦ୍ଧ୍ୱ ନାଟକ ମଞ୍ଚସ୍ଥ ହୋଇସାରିଛି। ସେଥି ମଧ୍ୟରୁ କେତୋଟି ପ୍ରମୁଖ ନାଟକର ନାମ ହେଲା - 'କାକୁଲ-୨୦୦୨', 'ବଇଲି', 'ଅହଲ୍ୟା-୨୦୦୩', 'ଝାର୍ ବିଲେଇ-୨୦୦୫', 'ବାଇଖୁଜେନ-୨୦୦୬', 'ଫାସିଦିଆମାଲ-୨୦୦୭', 'ଜିଭେଦୟା-୨୦୦୮', 'ମିରକିଟିଆ-୨୦୦୯', 'ଆଜି ମୁଁଇ କାଏଲ ସେ ପରିଦିନେଁ..- ୨୦୧୩', 'ଜଂକ୍- ୨୦୧୪', 'ଆଶାପୁରାରୁ ଆମେରିକା (ଓଡ଼ିଆ) ୨୦୦୫', 'ମୁଦ୍ରାପଥର-୨୦୧୬', 'ନପା- ୨୦୧୭', 'ନିଷ୍ଠି ପ୍ରଜ୍ଞା ସମପ୍ରଭା- ୨୦୧୮' ଇତ୍ୟାଦି। ଉପରୋକ୍ତ ସମସ୍ତ ନାଟକଗୁଡ଼ିକ ଓଡ଼ିଶାର ବିଭିନ୍ନ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଛି।

୯) ନବରସ କଳା ପରିଷଦ (ବରଗଡ଼): ବରଗଡ଼ ସହରରେ ନାଟକର ଚାହିଦା ଖୁବ ବେଶୀ। ବହୁ ରଙ୍ଗମଞ୍ଚ ଓ ସୌଖୀନ ନାଟ୍ୟାନୁଷ୍ଠାନ ଏହି ସହରରେ ଅବସ୍ଥିତ। ସେଥିମଧ୍ୟରୁ ଅନ୍ୟତମ ନାଟ୍ୟନୁଷ୍ଠାନ ହେଉଛି 'ନବରସ କଳା ପରିଷଦ'। ଯାହା ୨୦୦୧ ମସିହା ସାମ୍ବାଦିକ ସୁରେନ୍ଦ୍ର ହୋତା ଓ ନାଟ୍ୟକାର ନକୁଳ ବାଦୀଙ୍କ ମିଳିତ ଉଦ୍ୟମରେ ଗଢ଼ିଉଠିଥିଲା। ସାମ୍ପ୍ରତିକ ସମୟରେ ନାଟକଗୁଡ଼ିକର ଗୁଣାତ୍ମକମାନ ହ୍ରାସ ଓ ଅବକ୍ଷୟ ଯୋଗୁଁ ଏଇ ଅନୁଷ୍ଠାନର ପରିକଳ୍ପନା କରାଯାଇଥିଲା। ନୂତନ ସ୍ୱାଦର ନାଟକ ରଚନା ଓ ପରିବେଷଣ ମାଧ୍ୟମରେ ଜନ ସଚେତନତା ଜାଗ୍ରତ କରିବା ପ୍ରକୃତ ଉଦ୍ଦେଶ୍ୟ ଥିଲା ଏହି ନାଟ୍ୟାନୁଷ୍ଠାନ। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ ହେଉଛି 'ଅଲ୍ ଝଟ୍' ଯାହା ଉତ୍କଳ ଗୌରବ କଳାକାର ସଂଘ ବରଗଡ଼ର ରଙ୍ଗମଞ୍ଚରେ ମଞ୍ଚସ୍ଥ। ଏଇ ନାଟକର ନାଟ୍ୟକାର ଓ ନିର୍ଦ୍ଦେଶକ ନକୁଳ ବାଦୀ। ଏହି ନାଟ୍ୟ ସଂସ୍ଥା ଦ୍ୱାରା ଏ ପର୍ଯ୍ୟନ୍ତ ୧୮ରୁ ଊର୍ଦ୍ଧ୍ୱ ନାଟକ ମଞ୍ଚସ୍ଥ ହୋଇସାରିଛି। ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା - 'ଅଲ୍ ଝଟ୍', 'ବକର୍ଣ୍ଡା', 'ଏଫୁଲ', 'ଉଆଁଳୁ', 'ଶେଷକଥା', 'କୁଆ ଘରେ କୁଇଲି ରଜା', 'ଭଙ୍ଗା ଘରେ ଚକାଜହ୍ନ', 'ବୁଚକା', 'ଭୁଲତା', 'ତାଲ', 'ଉମ୍ବେଇ', 'ମୌସୁମୀ' , 'ମା', 'ଜିନ ଟେଷ୍ଟ', 'ବାଲିବନ୍ଧ', 'ହରିଭକ୍ତ ଗୟାସୁର', 'ଥିର୍', 'ଲେକରି' ଇତ୍ୟାଦି।

୧୦) ସିରଜିନା ସାହିତ୍ୟ ଆରୁ ସାଂସ୍କୃତିକ ଅନୁଷ୍ଠାନ (ପଦ୍ମପୁର, ବରଗଡ଼): ପଦ୍ମପୁର ହେଉଛି ବରଗଡ଼ ଜିଲ୍ଲାର ସର୍ବପ୍ରାଚୀନ ଐତିହାସିକ ଓ ସଂସ୍କୃତି ସଂପନ୍ନ ସହର। ଏଠାରେ ସାହିତ୍ୟର ସମସ୍ତ ବିଭାଗ ପାଇଁ ରହିଛି ବ୍ୟାପକ କ୍ଷେତ୍ର। ସେହି ଦୃଷ୍ଟିରୁ ନାଟକର ପରିସର ମଧ୍ୟ ବ୍ୟାପକ। ଏହି ପଦ୍ମପୁର ସହରରେ ବହୁ ସୌଖୀନ ନାଟ୍ୟ ସଂସ୍ଥାଗୁଡ଼ିକ ରହିଛି ସେଥିମଧ୍ୟରୁ 'ସିରଜିନା ସାହିତ୍ୟ ଆରୁ ସାଂସ୍କୃତିକ ଅନୁଷ୍ଠାନ' ଅନ୍ୟତମ। ଏହି ନାଟ୍ୟାନୁଷ୍ଠାନ ୨୦୦୧ ଏପ୍ରିଲ ୧୪ ତାରିଖ ଦିନ ଗଢ଼ିଉଠିଥିଲା। ଏହାର ପ୍ରତିଷ୍ଠାତା ହେଉଛନ୍ତି ଶ୍ରୀ ରାଜେନ୍ଦ୍ର କୁମାର ମହାନ୍ତି। ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିବା ପଛର ଉଦ୍ଦେଶ୍ୟ ସାହିତ୍ୟ ଓ ସଂସ୍କୃତିର ପୁନରୁଦ୍ଧାର ଓ ନାଟ୍ୟମଞ୍ଚର ପୁନଃରୁଦ୍ଧାର। 'ବଉଳା' ନାଟକ ଏହି ନାଟ୍ୟ ସଂସ୍ଥା ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ। ଏହି ନାଟକର ଲେଖକ ଓ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ମହାନ୍ତି, ଯାହା 'ଆରଣ୍ୟକ ମଞ୍ଚ' ସମ୍ବଲପୁରଠାରେ ୨୦୦୧ ମସିହାରେ ମଞ୍ଚସ୍ଥ ହୋଇଥିଲା। ଏହି ଅନୁଷ୍ଠାନ ମୁଖ୍ୟତଃ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକ ମଞ୍ଚସ୍ଥ କରିଥାଏ। ଆରଣ୍ୟକ ମଞ୍ଚ ସମ୍ବଲପୁର, ହିଣ୍ଡାଲକୋ କ୍ଲବ ହୀରାକୁଦ, ସୌଖୀନ ରଙ୍ଗମଞ୍ଚ ବରଗଡ଼, ଦର୍ପଣ ବରପାଲି, ଆମେ କଳାକାର ସଂଘ ପଦ୍ମପୁର, ଆମେ କଳାକାର ସଂଘ ଭବାନୀପାଟଣା, ସଙ୍ଗମ ଭବାନୀପାଟଣା, ସଦେଇପାଲି (ବଲାଙ୍ଗୀର) ପ୍ରଭୃତି ସ୍ଥାନରେ ଥିବା ରଙ୍ଗମଞ୍ଚ ଓ ଦୂରଦର୍ଶନ ଭୁବନେଶ୍ୱରଠାରେ ମଧ୍ୟ ଏହି ସଂସ୍ଥା ନିଜର ନାଟକମାନ ପରିବେଷଣ କରିଛନ୍ତି। ଏହି ନାଟ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ୨୫ ଗୋଟି ନାଟକ ମଞ୍ଚସ୍ଥ କରିସାରିଛି। ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ- 'ପଥ, ପଥିକ ଓ ପାଥେୟ', 'ବଉଳା', 'ଆମେ ସବୁ ସମାନ', 'ଗୁଟେରକତ୍', 'ସରପଞ୍ଚ', 'ରକତ୍' (ହିନ୍ଦୀ), 'ଅନ୍ଧି', 'ନାଗନୀ', 'ଧୁକା', 'ପଲଟା ବାଘ', 'ସଂସ୍କାର', 'ନାରଦ ଉବାଚ୍', 'ମିଚୁର କଥା', 'ୱା', 'ଗୁରସ', 'ଟିଠି', 'ସସେମିରା', 'ନିଏ', 'ପାହାଚିହ୍ନା' ପ୍ରଭୃତି ନାଟକ ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହୋଇସାରିଛି।

୧୧) ଉତାଲଗଡ଼ ନାଟ୍ୟ ସଂସଦ (ତାଲପଦର, ବରଗଡ଼): ବରଗଡ଼ ଜିଲ୍ଲା ହେଉଛି କଳା, କଳାକାର ଓ କଳାପ୍ରେମୀଙ୍କ ଜିଲ୍ଲା। ଏହି ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଆମେ କଳା କଳାକାରମାନଙ୍କୁ ଭେଟି ପାଇବା। ସେହିପରି ଏକ କଳା, ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଗ୍ରାମ ହେଉଛି ତାଲପଦର। ଏହି ଗ୍ରାମରେ କେଉଁ ଆବହମାନ କାଳରୁ ଲୋକନାଟକ ତଥା ନାଟକମାନ ନିୟମିତ ପ୍ରଦର୍ଶିତ ହେଉଥିଲା। ନାଟକ ପ୍ରତି ଏଠାକାର ଲୋକମାନଙ୍କ ବେଶ୍ ଆଗ୍ରହ ରହିଛି। ଯାହାର ଫଳ ସ୍ୱରୂପ ଏହି ଗ୍ରାମରେ 'ଉତାଲଗଡ଼ ନାଟ୍ୟ ସଂସଦ' ନାମକ

ଏକ ସୌଖୀନ ନାଟ୍ୟାନୁଷ୍ଠାନ ଗଢ଼ିଉଠିଛି। ଏହି ନାଟ୍ୟାନୁଷ୍ଠାନ ୨୦୦୩ ମସିହାରେ ସ୍ଥାନୀୟ ନାଟ୍ୟପ୍ରେମୀଙ୍କ ମିଳିତ ପ୍ରୟାସରେ ଆରମ୍ଭ ହୋଇଥିଲା। ଏହି ଅନୁଷ୍ଠାନର ପ୍ରଥମ ନାଟକ ହେଉଛି 'ଚଢ଼େନ୍ ଝୁରୀର୍ ମୁଣେଁ ବାଡ଼ି'। ସର୍ବପ୍ରଥମେ ଏହା ଯୁବଉଦୟନ ଆନୁକୂଲ୍ୟରେ ସମ୍ବଲପୁରର ଆରଣ୍ୟକ ମଞ୍ଚରେ ଆୟୋଜିତ '୬ଷ୍ଠ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା'ରେ ୨୦୦୩ ମସିହାରେ ପ୍ରଦର୍ଶିତ ହୋଇଥିଲା। ଏହି ମଞ୍ଚସ୍ଥ ନାଟକର ଲେଖକ ସୁଶାନ୍ତ ମିଶ୍ର ଓ ନିର୍ଦ୍ଦେଶକ ସ୍ୱର୍ଗତ ହରି ନାଏକ। ଏହି ନାଟ୍ୟ ସଂସଦ ମୁଖ୍ୟତଃ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକ ମଞ୍ଚସ୍ଥ କରିଥାଏ।

ଏହି ନାଟ୍ୟାନୁଷ୍ଠାନର କଳାକାରମାନଙ୍କ ଅଭିନୟରେ ଏ ପର୍ଯ୍ୟନ୍ତ ୨୦ଟି ରୁ ଅଧିକ ନାଟକ ମଞ୍ଚସ୍ଥ ହୋଇସାରିଛି। ଏଠାରେ ଆହୁରି ସୂଚନାଯୋଗ୍ୟ ଯେ 'ଉତାଲଗଡ଼ ନାଟ୍ୟ ସଂସଦ' ଆନୁକୂଲ୍ୟରେ ୨୦୦୪ ମସିହାରୁ 'ଉତାଲଗଡ଼ ନାଟ୍ୟ ମହୋତ୍ସବ' ନାମରେ ରାଜ୍ୟସ୍ତରୀୟ ସମ୍ବଲପୁରୀ-କୋଶଳୀ ଭାଷାର ନାଟକ ମହୋତ୍ସବ ଆୟୋଜିତ ହୋଇଆସୁଛି। ଉକ୍ତ ମହୋତ୍ସବରେ ଏ ପର୍ଯ୍ୟନ୍ତ ପ୍ରାୟ ୧୦୦ ରୁ ଅଧିକ ନାଟକ। ୨୦୦୨ ମସିହାରୁ ଆରମ୍ଭ କରି ପ୍ରତିବର୍ଷ ବିଭିନ୍ନ ମଞ୍ଚରେ ଏହି ଅନୁଷ୍ଠାନ ତରଫରୁ ନାଟକ ମଞ୍ଚସ୍ଥ ହୋଇଆସୁଛି। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ନାଟକ ମଧ୍ୟରେ ନାଟ୍ୟକାର ସୁଶାନ୍ତ ମିଶ୍ରଙ୍କ ରଚିତ 'ଚଢେନ ଝୁରୀର୍ ମୁଣେଁ ବାଡ଼ି', 'କପାଲର୍ ଦୋଷ୍', 'ଝୁଲରେ ହାତୀ ଝୁଲ', 'ଡୁଲିଆ', 'କୁଏ', 'ଦୁଇବଟିଆ', ସୁକୁମାର ଭୋଇଙ୍କ ରଚିତ 'ଅନମୁନସିଆ', 'ଚେତାବାର ବେଲ୍', ଅର୍ଜୁନ ମହାନ୍ତିଙ୍କ ନାଟକ 'ସୃଷ୍ଟି', ତେଜୁ ବାରିକଙ୍କ ରଚିତ 'ବତରକିରି', ମୋହନ ସିଂହ କନ୍ହେଇଙ୍କ ରଚିତ 'ଯେନ୍ ମୂଳ ସେନୁ ଶେଷ୍', ବିତ୍ର ବଜ୍ରବାହୁଙ୍କ ରଚିତ 'ନାଚ୍', ରାଜେଶ କରିଆଙ୍କ ରଚିତ 'ଚଷମା' ଇତ୍ୟାଦି ନାଟକ ପ୍ରଦର୍ଶିତ ହୋଇସାରିଛି ।

୧୨) ଉଦିଆଁତରା ସାଂସ୍କୃତିକ ଅନୁଷ୍ଠାନ (ଭେଡ଼େନ, ବରଗଡ଼): ବରଗଡ଼ ଜିଲ୍ଲାର ଭେଡ଼େନ ବ୍ଲକ ମଧ୍ୟ କଳା, ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିଛି। ଏହି ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମଧ ବହୁ ନାଟ୍ୟାନୁଷ୍ଠାନ ରହିଛି। ଏହି ଅନୁଷ୍ଠାନମାନଙ୍କ ମଧ୍ୟରୁ ଭେଡ଼େନରେ ରହିଛି 'ଉଦିଆଁତରା ସାଂସ୍କୃତିକ ଅନୁଷ୍ଠାନ' ନାମରେ ଏକ ସୌଖୀନ ନାଟ୍ୟାନୁଷ୍ଠାନ। ଏହି ଅନୁଷ୍ଠାନ ୨୦୦୪ ମସିହାରେ ପ୍ରତିଷ୍ଠା ଲାଭ କରିଥିଲା। ନାଟ୍ୟକାର ସନ୍ତୋଷ କୁମାର ପଣ୍ଡା ଓ ତାଙ୍କର କିଛି ନାଟ୍ୟପ୍ରେମୀ ସାଥୀମାନଙ୍କ ଦ୍ୱାରା ଏହି ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଥିଲା। ନାଟକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି ତଥା କଳାର ବିକାଶ କରିବାର ଉଦ୍ଦେଶ୍ୟ ନେଇ ଏଇ ନାଟ୍ୟାନୁଷ୍ଠାନ ଗଢ଼ିଉଠିଥିଲା। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ ହେଉଛି 'ମସାନ୍', ଯାହାର ନାଟ୍ୟକାର ସୁଧାଂଶୁ ଦାସ ଓ ନିର୍ଦ୍ଦେଶକ ସନ୍ତୋଷ କୁମାର ପଣ୍ଡା। ଏହି ନାଟକ ପ୍ରଥମେ ସମ୍ବଲପୁରର ଆରଣ୍ୟକ ମଞ୍ଚରେ ମଞ୍ଚସ୍ଥ ହୋଇଥିଲା। 'ଉଦିଆଁତରା ସାଂସ୍କୃତିକ ଅନୁଷ୍ଠାନ' ୨୦୦୪ ମସିହାରେ ଏକ ସୌଖୀନ ନାଟ୍ୟାନୁଷ୍ଠାନ ରୂପରେ ରେଜିଷ୍ଟ୍ରେସନ ଅନ୍ତର୍ଭୁକ୍ତ ହୋଇଛି। ମୁଖତଃ ଓଡ଼ିଆ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକ ଏହି ସଂସ୍ଥା ପରିବେଷଣ କରିଥାଏ। ଏହି ଅନୁଷ୍ଠାନ ଏ ପର୍ଯ୍ୟନ୍ତ ୩୧ଟି ନାଟକ ମଞ୍ଚସ୍ଥ କରିସାରିଛି। 'ରାମ ତୁମେ ହାରିଗଲ', 'ନିଜ ସ୍ତ୍ରୀ ପର ସ୍ତ୍ରୀ', 'ସନ୍ଧ୍ୟାତାରା', 'ଶାମୁକା ସମାଧି', 'ମାଏଁକି', 'ଏ ଫୁଲ', 'ବକର୍ଣ୍ଣା', 'ଫଗୁନ୍', 'ଲାରେଲାପ୍ପା', 'ମସାନ୍', 'ଡିଙ୍ଗିରା', 'ବେଲ୍ ନାଇଁ ବୁଡ଼ି', 'ସତିଆ ସାହୁର ସଂସାର', 'ପପଙ୍ଗା ପାହାଡ଼ର ତଳେ', 'ରଜା ଖଣ୍ଡ ଖଜା', ଇତ୍ୟାଦି ପ୍ରମୁଖ ନାଟକ ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହୋଇସାରିଛି।

୧୩) ସମର୍ପଣ (ବରଗଡ଼): ବରଗଡ଼ ସହରର ଅନ୍ୟତମ ପ୍ରସିଦ୍ଧ ନାଟ୍ୟାନୁଷ୍ଠାନ ହେଉଛି 'ସମର୍ପଣ'। ଏହି ନାଟ୍ୟାନୁଷ୍ଠାନ ୨୦୦୪ ମସିହା ନଭେମ୍ବର ୧୭ ତାରିଖରେ ସୃଷ୍ଟି ହୋଇଛି। ଏହାର ପ୍ରତିଷ୍ଠାତା ହେଉଛନ୍ତି ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା। ଖୁବ୍ କମ୍ ବର୍ଷ ମଧ୍ୟରେ ଏହି ଅନୁଷ୍ଠାନଟି ବହୁ ପ୍ରସିଦ୍ଧି ଲାଭ କରିଛି। ଏହି ସଂସ୍ଥା ତା'ର ମଞ୍ଚସ୍ଥ ନାଟକଗୁଡ଼ିକରେ ବହୁ ପରୀକ୍ଷା ନିରୀକ୍ଷା ଚଳାଇଥାଏ। ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ଆଗ୍ରହ ହିଁ ଏହି ଅନୁଷ୍ଠାନ ଗଢ଼ିଉଠିବାର ମୁଖ୍ୟ କାରଣ ଥିଲା। ପୁଣି ସମାଜରେ ପ୍ରଚଳିତ ବିଭିନ୍ନ ରୋଗର ନିରାକରଣ ଉପାୟକୁ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ଓ ଜାଗରଣ ଆଣିବା ଏହି ନାଟ୍ୟାନୁଷ୍ଠାନର ମୂଳ ଉଦ୍ଦେଶ୍ୟ। ଏହି ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ରାମ ନାମ ସତ୍ୟ ହେ', ଯାହା ବରଗଡ଼ ସୌଖୀନ କଳାକାର ସଂଘର ରଙ୍ଗମଞ୍ଚରେ ଅଭିନୀତ। ଏହି ପ୍ରଥମ ମଞ୍ଚସ୍ଥ ନାଟକର ନାଟ୍ୟକାର ଶ୍ରୀ ରାମାଶିଷ ତ୍ରିପାଠୀ ଓ ନିର୍ଦ୍ଦେଶକ ସଞ୍ଜୟ କୁମାର ବେହେରା। ମୁଖ୍ୟତଃ ସମ୍ବଲପୁରୀ ଓ ହିନ୍ଦୀ ଭାଷାର ନାଟକଗୁଡ଼ିକୁ ଏହି ସଂସ୍ଥା ମଞ୍ଚସ୍ଥ କରିଥାଏ। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ଏ ପର୍ଯ୍ୟନ୍ତ ୧୫ଟି ନାଟକ ବିଭିନ୍ନ ମଞ୍ଚରେ ପ୍ରଦର୍ଶିତ ହୋଇଛି। 'ରାମ ନାମ ସତ୍ୟ ହେ- ୨୦୦୬', 'ଅଲଖେନ୍- ୨୦୦୬', 'ଉଡ଼ନ୍ତା କବି- ୨୦୦୭', 'ଗଣେଷ ଚୋର- ୨୦୦୮', 'ଡ଼ରହା- ୨୦୦୯', 'ପରିସ୍ରା କରିବା ମନା-୨୦୧୧', 'ଏନ୍ତା ହେଲେ କେନ୍ତା ହେତା- ୨୦୧୩', 'ବାଦଲି- ୨୦୧୭', 'ଛାଁଟି-୨୦୧୭', 'ଅ- ୨୦୧୬', 'ଘରର କଥା- ୨୦୨୧', 'ମାୟାମରିଚ- ୨୦୨୨' ଇତ୍ୟାଦି ନାଟକ ଓଡ଼ିଶାର ବିଭିନ୍ନ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇସାରିଛି।

୧୪) 'ରା' ନାଟୁଆଡେରା (ବରଗଡ଼): ବରଗଡ଼ ସହରରେ ଅବସ୍ଥିତ ବହୁ ନାଟ୍ୟାନୁଷ୍ଠାନ ମଧ୍ୟରୁ 'ରା' ନାଟୁଆଡେରା' ଅନ୍ୟତମ ସଫଳ ନାଟ୍ୟାନୁଷ୍ଠାନ ଯାହା ୨୦୦୪ ମସିହାରେ ଗଢ଼ିଉଠିଥିଲା। ଏହି ନାଟ୍ୟାନୁଷ୍ଠାନର ପ୍ରତିଷ୍ଠାତା ନାଟ୍ୟକାର ନକୁଳ ବାଦୀ ଓ ଅଶୋକ କୁମାର ବେହେରା। ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିବା ପଛରେ କେତେକ ମୁଖ୍ୟ କାରଣ ଓ ଉଦ୍ଦେଶ୍ୟ ରହିଛି, ଯଥା-

କ) ନୂତନ ସ୍ୱାଦ ଓ ଶୈଳୀର ନାଟକ ପରିବେଷଣ
ଖ) ଦର୍ଶକମାନଙ୍କୁ ମଞ୍ଚାଭିମୁଖୀକରିବା
ଗ) ନୂତନ ନାଟ୍ୟ କର୍ମୀ ସୃଷ୍ଟି

ଘ) ସ୍ୱାଧୀନ ରୂପେ ମତ ପ୍ରକାଶ
ଙ) ସମାଜରେ ସଂସ୍କାର ଆଣିବା
ଚ) ଲୁଚି ଯାଉଥିବା ସଂସ୍କୃତିର ପୁନଃରୁଦ୍ଧାର ଇତ୍ୟାଦି।

ଏହି ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ ହେଉଛି 'ରବିଆଖିଆ'। ଯାହା ସମ୍ବଲପୁରର ଆରଣ୍ୟକ ରଙ୍ଗମଞ୍ଚରେ ମଞ୍ଚସ୍ଥ। ଏହି ପ୍ରଥମ ଅଭିନୀତ ନାଟକର ନାଟ୍ୟକାର ଓ ନିର୍ଦ୍ଦେଶକ ହେଉଛନ୍ତି ଶ୍ରୀ ନକୁଳ ବାଦୀ। ଏହି ନାଟ୍ୟନୁଷ୍ଠାନ ମୁଖ୍ୟତଃ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକ ପରିବେଷଣ କରିଥାଏ। ଏହି ନାଟ୍ୟ ଦଳ ଏ ପର୍ଯ୍ୟନ୍ତ ୨୨ଟି ନାଟକ ମଞ୍ଚସ୍ଥ କରିସାରିଛି। ସେଥି ମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା- 'ରବିଆଖିଆ', 'ଅଲଝଟ୍' (କାଦମ୍ବିନୀ ମଞ୍ଚ, ବରଗଡ଼), 'କେଲେଣ୍ଡର' (ବନହର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ), 'କାକୁ' (ସୌଖୀନ କଳାକାର ସଂଘ, ବରଗଡ଼), 'ଭାଏରସ୍'(କାଦମ୍ବିନୀ ମଣ୍ଡପ, ବରଗଡ଼), 'ରଜା ଖଣ୍ ଖଜା' (ମହିଳା ମହାବିଦ୍ୟାଳୟ, ବରଗଡ଼), ' ବକର୍ଣ୍ଣା ' (କାଦମ୍ବିନୀ ମଞ୍ଚ, ବରଗଡ଼), 'ଏ ଫୁଲ' (ଟାଉନହଲ ମଞ୍ଚ,ଖୋର୍ଦ୍ଧା), 'ସତିଆ ସାହୁର ସଂସାର' (ଗାନ୍ଧିଜୀ କ୍ଲବ, ଜଟଲା, ବରଗଡ଼- ୨୦୦୪), 'ଫଗୁନ୍' (ବନହର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ- ୨୦୦୫), 'ବାଗଡ଼ି' (ଆରଣ୍ୟକ ମଞ୍ଚ ସମ୍ବଲପୁର- ୨୦୦୬), 'ରଜାମକରିଆ' (ସୌଖିନ ରଙ୍ଗମଞ୍ଚ, ବରଗଡ଼- ୨୦୦୮), 'ଲାରେଲାପ୍ପା' (ସୌଖୀନ ରଙ୍ଗମଞ୍ଚ, ବରଗଡ଼-୨୦୧୦), 'ଝଲକା ଗଠିଆଁ' (ଆରଣ୍ୟକ ମଞ୍ଚ, ସମ୍ବଲପୁର- ୨୦୧୧), 'ପପଙ୍ଗା ପାହାଡ଼ର ତଳେ' (ମନମୋହନ ମ.ଇ.ସ୍କୁଲ ମଞ୍ଚ, ଝାରସୁଗୁଡା- ୨୦୧୨), 'ମୋର୍ ଭାଏ ତୋର୍ ଭାଏ' (ଆରଣ୍ୟକ ମଞ୍ଚ, ସମ୍ବଲପୁର- ୨୦୧୫), 'ମାଏଁକି' (ଆରଣ୍ୟକ ମଞ୍ଚ, ସମ୍ବଲପୁର- ୨୦୧୫), 'ବଟଉପାଲ୍' (ଆରଣ୍ୟକ ମଞ୍ଚ, ସମ୍ବଲପୁର- ୨୦୧୬), 'ଫେର୍ ଗୁଟେ ରେବତୀ' (ମହିଳା ମହାବିଦ୍ୟାଳୟ,ବରଗଡ଼-୨୦୧୮), 'ଆମର ଜିତାନି ଗୁଡ୍ର' (ସିମେଣ୍ଟନଗର ମ.ଇ.ସ୍କୁଲ, ବରଗଡ଼) ଆଦି ସମେତ ବହୁ ନାଟକ ମଞ୍ଚସ୍ଥ ହୋଇଛି।

୧୫) ସ୍ପେସ୍ ଥିଏଟର (କଟାପାଲି, ବରଗଡ଼): ବରଗଡ଼ ଜିଲ୍ଲା ହେଉଛି କଳା ଓ ସାହିତ୍ୟର ଜିଲ୍ଲା। ଏହି ଜିଲ୍ଲାର ପ୍ରତ୍ୟେକ ଗାଁରେ ଆମେ ବିଭିନ୍ନ କଳା ଓ ବିଭିନ୍ନ ପ୍ରକାର କଳାକାରଙ୍କୁ ଦେଖିଥାଉ। ଏଭଳି ଏକ ଗ୍ରାମ ହେଉଛି କଟାପାଲି। ଏହି ଗ୍ରାମରେ 'ସ୍ପେସ୍ ଥିଏଟର' ନାମରେ ଏକ ସୌଖୀନ ନାଟ୍ୟାନୁଷ୍ଠାନ ରହିଛି। ଏହି ଥିଏଟର ୨୦୦୫ ମସିହାରେ ନାଟ୍ୟକାର ଅରୁଣ କୁମାର ସାହୁଙ୍କ ଉଦ୍ୟମରେ ଗଢ଼ିଉଠିଥିଲା। ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିବା ପଛରେ ଥିବା କାରଣ ଓ ଉଦ୍ଦେଶ୍ୟ ସଂପର୍କରେ ଅରୁଣ କୁମାର ସାହୁ କହିଥିଲେ-"ଜଗତୀକରଣ ପରବର୍ତ୍ତୀ ଭାରତରେ ଆର୍ଥନୀତି ସାଙ୍ଗକୁ ଦେଶର ରାଜନୈତିକ ଓ ସାମାଜିକ ଚିତ୍ରଗୁଡ଼ିକ ଖୁବ୍ ଦ୍ରୁତଗତିରେ ବଦଳି ଚାଲିଛି। ତଦାନୁସାରେ ଆମର ନାଟକଗୁଡ଼ିକ ତାଳ ଦେଇ ପାରୁନାହାନ୍ତି ବୋଲି ମୁଁ ମନେ କରେ ଯଥା - ଶିକ୍ଷାର ଘରୋଇକରଣ, ବିସ୍ଥାପନ, ପରିବେଶ, ଚାଷୀ ଆତ୍ମହତ୍ୟା, ଭ୍ରଷ୍ଟାଚାର ସଙ୍କଟ ସମୟରେ ବୁଦ୍ଧିଜୀବିମାନଙ୍କର ଭୂମିକା ଇତ୍ୟାଦି।" ଏଇ ସବୁ ସମସ୍ୟାକୁ ସେ ନାଟକ ମାଧ୍ୟମରେ ସମାଧାନ କରି ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ପରିବେଷଣ କରାଇ ସମାଜ ସଚେତନତା ସୃଷ୍ଟି କରିବା ହିଁ ନାଟ୍ୟାନୁଷ୍ଠାନ ଗଢ଼ିବାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏହି ନାଟ୍ୟ ସଂସଦ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ସେ ଆଏବେ', ଯାହାର ନାଟ୍ୟକାର ଓ ନିର୍ଦ୍ଦେଶକ ଅରୁଣ କୁମାର ସାହୁ। ଏହି ନାଟକ ବରଗଡ଼ର ସୌଖୀନ ରଙ୍ଗମଞ୍ଚରେ ଅଭିନୀତ। ଏହି ନାଟ୍ୟାନୁଷ୍ଠାନ କେବଳ ସମ୍ବଲପୁରୀ ଭାଷାର ନାଟକ ମଞ୍ଚସ୍ଥ କରିଥାଏ। ୧୪ଟି ନାଟକ ଏ ପର୍ଯ୍ୟନ୍ତ ଏହି ଅନୁଷ୍ଠାନ ମଞ୍ଚସ୍ଥ କରିସାରିଛି। ସେଥି ମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା- 'ସେ ଆଏବେ-୨୦୦୬', 'ଏକଲୁ' -୨୦୦୭', 'ବିଶ୍ୱଗ୍ରାମ' (୨୦୦୮)', 'ଏଫ୍ଲୁନେଜା' (୨୦୦୯)', 'ଏ ଭାଇ ! ଟିକେ ଦେଖିକରି' (୨୦୧୦), 'ଘୁଜନା ଚାଲିଛେ' (୨୦୧୩)', 'ଟାଏର୍ ନମ୍ବର ମାଙ୍କଡ଼' (୨୦୧୪) 'ଏକଲୁ' (୧୩-୦୬-୨୦୧୫)', 'ଫାଇନାଲ ରିପୋର୍ଟ' (୨୦୧୫), 'କିଛି ଗୁଟେ' ୨୦୧୭- ', 'ଅଛେ ଦିନ' (୨୦୧୯) ଇତ୍ୟାଦି ନାଟକ ବିଭିନ୍ନ ରଙ୍ଗମଞ୍ଚରେ ଅଭିନୀତ ହୋଇଅଛି ।

୧୬) ସଚେତନ ହେମା (ଢୋଲବନ୍ଧ, ବରଗଡ଼): ୨୦୧୦ ମସିହାରେ 'ସଚେତନ ହେମା' ନାମକ ଏକ ନାଟ୍ୟାନୁଷ୍ଠାନ ଢୋଲବନ୍ଧ ଗ୍ରାମରେ ଗଢ଼ିଉଠିଥିଲା। ଏହି ନାଟ୍ୟାନୁଷ୍ଠାନର ପ୍ରତିଷ୍ଠାତା ହେଉଛନ୍ତି ନାଟ୍ୟକାର ରାଜକୁମାର ସାହୁ। 'ଦାନବୀର ହରିଶ୍ଚନ୍ଦ୍ର' ହେଉଛି ଏହି ଦଳର ପ୍ରଥମ ମଞ୍ଚସ୍ଥ ନାଟକ। ଏହି ନାଟକର ନାଟ୍ୟକାର ହେଉଛନ୍ତି ଶ୍ରୀ ରାଜକୁମାର ସାହୁ। ସମ୍ବଲପୁରୀ, ଓଡ଼ିଆ, ହିନ୍ଦୀ ପ୍ରଭୃତି ଭାଷାର ନାଟକଗୁଡ଼ିକ ଏହି ନାଟ୍ୟାନୁଷ୍ଠାନ ମଞ୍ଚସ୍ଥ କରିଥାଏ। 'ସଚେତନ ହେମା' ନାଟ୍ୟାନୁଷ୍ଠାନ ବର୍ତ୍ତମାନ ପର୍ଯ୍ୟନ୍ତ ୨୦ଟି ନାଟକ ମଞ୍ଚସ୍ଥ କରିସାରିଛି। ସେଥି ମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା- 'ଦାନବୀର ହରିଶ୍ଚନ୍ଦ୍ର', 'ସୀତାଚୋରି', 'ବାଲିବଧ', 'ରାବଣବଧ', 'ପାଏନ୍ ତ ଜୀବନ', 'ବଡ଼ରୋଗ', 'ଦାଦନ', 'ଶ୍ରୀବସ୍ତ କୁମାର', 'ଅଭିମନ୍ୟୁ କଥା', 'କ୍ଷୀର ସମୁଦ୍ର', 'ଉଗ୍ରସେନ ବସୁଦେବ ଭେଟ', 'ମୋର କାଏଁ ଦୋଷ', 'ଗଣ୍ଡିର ସୁନା ପଇସା ମୁନା', 'କୁନ୍ଦୁଲି ରାଇଜର ଝି', 'ମମତା ମାଉସୀର କଥା', 'ଆଜାଦି ଆରୁ ଆଜାଦ', 'ଭୁକା-୨', 'ମାତା ସାବିତ୍ରୀ ବାଈ ଫୁଲେ' ଇତ୍ୟାଦି। ଉପରୋକ୍ତ ସମସ୍ତ ନାଟକ ଓଡ଼ିଶାର ପ୍ରମୁଖ ସହର,ବିଭିନ୍ନ ଗ୍ରାମ ତଥା ଓଡ଼ିଶା ବାହାରେ ମଧ ବିଭିନ୍ନ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଛି।

ଏତଦ୍‌ବ୍ୟତୀତ ଆହୁରି ବହୁ ନାଟ୍ୟାନୁଷ୍ଠାନ ବରଗଡ଼ ଜିଲ୍ଲାରେ ରହିଛି, ଯଥା- 'ଦର୍ପଣ ଦ କଲଚରାଲ ଏସୋସିଏସନ, ବରପାଲି', 'ଇଣ୍ଟରନ୍ୟାସନାଲ ଥିଏଟର, ବରପାଲି', ନାଟ୍ୟ ରଶ୍ମି , ତୁଲଣ୍ଡି, ବରଗଡ଼, ନେତାଜୀ ନାଟ୍ୟ ସଂସଦ, ବରପାଲି', 'ଲଗନ କଳା ମନ୍ଦିର, ଘେଁସ', 'ଜୟନ୍ତୀ ଯୁବକ ସଂଘ ବାବେବିରା', 'ଦି ନାଟ୍, ପାଇକମାଲ', 'କୁସୁମକଳି କଳାପରିଷଦ, କେନ୍ଦପାଲି', 'ଉଦୀୟମାନ ନାଟ୍ୟ ସଂସଦ, ରେମଣ୍ଡା', 'ଉତ୍କଳ ଗୌରବ କଳାକାର ସଂଘ, ବରଗଡ଼',

'ସରସ୍ୱତୀ କଳାନିକେତନ, ପାଇକମାଲ', 'ଝାରମଲି ଦି ଥିଏଟର ଟିମ୍ ବିଜେପୁର' ଇତ୍ୟାଦି ନାଟ୍ୟାନୁଷ୍ଠାନ ।

## ସହାୟକ ଗ୍ରନ୍ଥସୂଚୀ :

୧. ଲେଖା ଅଟଲ ଉତ୍ସବ। ୨୦୨୧। ମୁଖ୍ୟ ସମ୍ପାଦକ ଡ. ଫକୀର ଚରଣ ରଣା। ସମ୍ବଲପୁର: ଡ. ଅଟଲ ବିହାରୀ ସ୍ମୃତି ସଂସଦ ବୁର୍ଲା।

୨. ଧନୁସ୍ତ୍ରଭା। ୨୦୧୭। ମୁଖ୍ୟ ସମ୍ପାଦକ ଶ୍ରୀ ଅଞ୍ଜନ କୁମାର ମାଣିକ (ଜିଲ୍ଲାପାଳ ବରଗଡ଼)। ବରଗଡ଼: ଧନୁଯାତ୍ରା ମହୋତ୍ସବ ସମିତି।

୩. (ସ୍ମରଣିକା) ସଭାପତି। ୨୦୦୭। ହରିହର ମିଶ୍ର, ସୌଖୀନ ବରଗଡ଼: କଳାକାର ସଂଘ।

୪. ନାଟ୍ୟୋତ୍ସବ, ବାର୍ତ୍ତାଳାପ-୨। ୨୦୦୯। ସମ୍ପାଦକ- ବ୍ରଜେନ୍ଦ୍ର ନାୟକ। ସମ୍ବଲପୁର: କ, ଖ, ଗ ।

## Funding

No funding was received for conducting this study.

## Does this article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this article.

## About the Licenses

© Subhranshu Behera 2024. The text of this article is open access and licensed under a Creative Commons Attribution 4.0 International License

## Cite this Article :

Subhranshu Behera, Baragada Jilaara Saukhina Natanusthana : Eka Drustipata, Bageesha, Vol. No. 02, Issue No. 06, November - December 2024, Article No: BM2024/06-A004 | Page- 25-32

●